RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -148 ସଂଖ୍ୟା-୧୪୮
ଭୁବନେଶ୍ୱର, ଶନିବାର ୨୨ ଅଗଷ୍ଟ ୨୦୨୬
Bhubaneswar, Saturday 22 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ନିରବିଗଲେ ପ୍ରଣବ ପଟ୍ଟନାୟକ

ଭୁବନେଶ୍ୱର,୨୧।୮(ନି.ପ.): ଆଉ ନାହାନ୍ତି ଓଡିଶା ସଂଗୀତ ଜଗତର ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ। ଆଜି ୮୮ ବର୍ଷ ବୟସରେ ସେ ସମସ୍ତଙ୍କୁ ଛାଡି ପରପାରିକୁ ଚାଲି ଯାଇଛନ୍ତି। ଓଡ଼ିଆ ସଙ୍ଗୀତ ଜଗତରେ ବେତାଜ ବାଦଶାହ ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପ୍ରଣବ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଘରୋଇ ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀରରୁ ଭୁବନେଶ୍ୱର ଲୁଇସରୋଡ ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ତାଙ୍କ ଶୁଭେଚ୍ଛୁ ଓ ପ୍ରିୟଜନମାନେ ତାଙ୍କର ଶେଷ ଦର୍ଶନ କରିଛନ୍ତି। ଏହାପରେ ରାଜ୍ୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ତାଙ୍କ ପରଲୋକ ଖବର ପ୍ରକାଶ ପାଇବା ପରେ ସଙ୍ଗୀତପ୍ରେମୀ, କଳାକାର ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ନିଜର ସୁମଧୁର କଣ୍ଠ ଓ ଅନନ୍ୟ ଗାୟନ ଶୈଳୀରେ ସେ ଶ୍ରୋତାଙ୍କ ହୃଦୟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ। ମାଝିରେ ଠୁ'ଠାରୁ ଆରମ୍ଭ କରି 'ନିଝୁମ ରାତ', ମାଝିରେ ମାଝି ଓ ପାହାଡ ସେପାଖେ ଭଳି ଅନେକ ଲୋକପ୍ରିୟ ଗୀତରେ ତାଙ୍କ କଣ୍ଠଦାନ ଆଜି ବି ସମସ୍ତଙ୍କ ମନେ ଅଛି।ଦୀର୍ଘ ଦଶନ୍ଧି ଦିନ ଧରି ଓଡ଼ିଆ ସଙ୍ଗୀତ ପ୍ରେମୀଙ୍କୁ ନିଜ ସୁରିଲା କଣ୍ଠରେ ମନୋରଞ୍ଜନ କରିଆସିଥିବା ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଣବ ସିନା ପର ପାରିକୁ ଚାଲି ଯାଇଛନ୍ତି, ହେଲେ ତାଙ୍କ କାଳଜୟୀ ଗୀତ ଗୁଡିକ ଏବେ ବି ଜୀବନ୍ତ ରହିଛି। ୧୯୩୮ ମସିହା ଜାନୁଆରୀ ୨୦ରେ ଜନ୍ମ ହୋଇଥିଲେ ପ୍ରଣବ ପଟ୍ଟନାୟକ। ପିଲାଟି ବେଳକୁ ହିଁ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ ପ୍ରଣବ। ଗୁରୁ କୁନାଳ ଆଦୀନାରାୟଣ ରାଓଙ୍କ ପାଖରେ ପ୍ରଣବଙ୍କ ସଂଗୀତ ଯାତ୍ରା ଆରମ୍ଭ ହୋଇଥିଲା।ପ୍ରଣବଙ୍କ ବାପା ଲାଲ ମୋହନ ପଟ୍ଟନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ରାଜନେତା ଥିଲେ। ସ୍ୱାଧୀନତା ପୂର୍ବରୁ ଓଡ଼ିଶା ବିଧାନସଭାର ସେ ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ରାଜନେତା ପରିବାରୁ ଆସିଥିଲେ ହେଁ ପ୍ରଣବ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ।ପିଲାଟି ବେଳକୁ ସଂଗୀତ ଜଗତରେ ବୁଡି ରହିଥିବା ପ୍ରଣବଙ୍କୁ ୧୯୮୫ରେ ପ୍ରଥମ ସୁଯୋଗ ମିଳିଥିଲା। ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ ମା'ରେ ସେ ପ୍ରଥମ ଥର ପାଇଁ ଗୀତ ଗାଇବାର ସୁଯୋଗ ପାଇଥିଲେ।ଶ୍ରୀ ଲୋକନାଥ, ସୂର୍ଯ୍ୟମୁଖୀ, ସିନ୍ଦୂର ବିନ୍ଦୁ, ଶେଷ ଶ୍ରାବଣ, ଚିହ୍ନା ଅଚିହ୍ନା, ବତୀଘର ଆଦି ଚଳଚ୍ଚିତ୍ରର ଗୀତ ପ୍ରଣବଙ୍କୁ ରାତାରାତି ଲୋକପ୍ରିୟତାର ଶିଖରରେ ପହଞ୍ଚାଇଥିଲା। ପ୍ରଣମ ଭୁପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସକର, ବାଣୀ ଜୟରାମ, ଏସ. ଜାନକୀଙ୍କ ଭଳି ଜାତୀୟ ସ୍ତରର କଳାକାର ସହ କାମ କରିଥିଲେ। ପ୍ରାୟ ୨୦୦ ଓଡ଼ିଆ ସିନେମାରେ ସେ କଣ୍ଠଦାନ କରି ନିଜର ଅନନ୍ୟ ପ୍ରତିଭା ସମସ୍ତଙ୍କୁ ପ୍ରଦର୍ଶନ କରିଛନ୍ତି। କେବଳ ସିନେମା ଦୁନିଆରେ ନୁହେଁ, ରେଡିଓ, ଦୂରଦର୍ଶନ ଓ ଆଲବମ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ଗୀତ ଓଡିଆ ଶ୍ରୋତାଙ୍କୁ ଭେଟି ଦେଇଥିଲେ।



୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ ଶବ୍-ଏ-ଗଜଲ ରିଲିଜ ହୋଇଥିଲା। ଏହି ଆଲବମରେ ପଣ୍ଡିତ ହରିପ୍ରସାଦ ଚୌରାଶିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଓ ଦେବକୀ ପଣ୍ଡିତଙ୍କ ସହ ମିଶି ପ୍ରଣବ ପଟ୍ଟନାୟକ ଗୀତ ଗାଇଥିଲେ। ଦୀର୍ଘ ଦଶନ୍ଧି ଧରି ଓଡିଆ ସଂଗୀତ ଦୁନିଆ ସହ ଜଡିତ ପ୍ରଣବ ପଟ୍ଟନାୟକ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇଛନ୍ତି। ୨୦୨୩ରେ ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ, ୨୦୧୬ରେ ଜୟଦେବ ପୁରସ୍କାର, ୨୦୧୭ରେ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ, ୨୦୧୧ରେ ପ୍ରଫୁଲ୍ଲ କର ସମ୍ମାନ, ୨୦୧୦ରେ ବିଗ ଓଡ଼ିଆ ଏଣ୍ଟରଟେନମେଣ୍ଟ ଆୱାର୍ଡ ଓ ୧୯୯୭-୯୮ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ ସମ୍ମାନରେ ସମ୍ମାନୀତ ହୋଇଥିଲେ। ପ୍ରଣବ ପଟ୍ଟନାୟକ ଅନେକ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଜିତିଛନ୍ତି। ୧୯୯୩ ଆଶା, ୧୯୮୯ରେ ପ୍ରତିଶୋଧ ଅପରାଧ ନୁହେଁ, ୧୯୮୮ରେ କନ୍ୟାଦାନ, ୧୯୮୩ରେ ଝିଅଟି ସୀତା ପରି, ୧୯୮୨ରେ ଅସ୍ତରାଗ, ୧୯୭୬ରେ ସିନ୍ଦୂର ବିନ୍ଦୁ ପାଇଁ ତାଙ୍କ ସରକାର ଶ୍ରେଷ୍ଠ କଣ୍ଠଶିଳ୍ପୀ ପୁରସ୍କାର ଦେଇଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହେଉଛନ୍ତି ଆମ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' : ମୁଖ୍ୟମନ୍ତ୍ରୀ



ଅନୁଗୋଳ,୨୧।୮(ନି.ପ୍ର.): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହେଉଛନ୍ତି ଆମ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ବୋଲି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ନିକଟସ୍ଥ ଗୁରୁଜାଙ୍ଗଠାରେ ଆୟୋଜିତ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହାସହ ସ୍ୱାମୀଜୀଙ୍କ ସ୍ମୃତିପୂତ ପବିତ୍ର ଗୁରୁଜାଙ୍ଗ ଗ୍ରାମକୁ 'ଐତିହ୍ୟ ଗ୍ରାମ' ଭାବେ ଗଢ଼ିତୋଳାଯିବା ସହ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ ଆଦର୍ଶ, ଅଲୌକିକ ଅନୁଷ୍ଠାନ ଓ ସନାତନ ଧର୍ମର ଦୀପ୍ତିମନ୍ତ ମାର୍ଗଦର୍ଶକ। ଆଜିର ଆଧୁନିକ ଯୁଗରେ ସୁଖ-ସୁବିଧା ତ୍ୟାଗ କରି ସେ କନ୍ଧମାଳର ଦୁର୍ଗମ ଓ ଘଞ୍ଚ ଜଙ୍ଗଲରେ ରହି ଅସହାୟ ବନବାସୀଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେଠାରେ ଚକାପାଦ ଓ ଜଲେଶପଟ୍ଟା ଆଶ୍ରମ ଏବଂ କନ୍ୟା ଗୁରୁକୁଳ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରି ଗଢ଼ିତୋଳିଥିଲେ। ତାଙ୍କ ଦ୍ୱାରା ବୁଣାଯାଇଥିବା ସଂସ୍କୃତିର ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି ଏବଂ ଧର୍ମାନ୍ତରୀକରଣ ବିରୋଧରେ ସେ ଆରମ୍ଭ କରିଥିବା ସଚେତନତା ସମଗ୍ର ରାଜ୍ୟରେ ଏକ ଜାଗ୍ରତ ସନାତନୀ ସଙ୍କଳ୍ପ ଭାବେ ଛିଡ଼ା ହୋଇଛି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହେଉଛନ୍ତି ଆମ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ବୋଲି ସେ କହିଥିଲେ।

**ଗୁରୁଜାଙ୍ଗ ହେବ 'ଐତିହ୍ୟ ଗ୍ରାମ' ଓ 'ଆଦର୍ଶ ପଞ୍ଚାୟତ'**

ସ୍ୱାମୀଜୀଙ୍କ ଅତୁଳନୀୟ ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ରାଜ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। 'ଫୁଲବାଣୀ ସରକାରୀ ମେଡିକାଲ କଲେଜ'କୁ 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜ' ଭାବେ ନାମିତ କରାଯାଇଛି। ଏହାସହ ସ୍ୱାମୀଜୀଙ୍କ କର୍ମପୀଠ ଜଲେଶପଟ୍ଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମର ବିକାଶ ଏବଂ ଐତିହ୍ୟ ସଂରକ୍ଷଣ ପାଇଁ 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା' (ଉଗଝଇ) ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ ୫ କୋଟି ଟଙ୍କା ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ, ୩ କୋଟି ଟଙ୍କାରେ ଐତିହ୍ୟ ସ୍ଥଳର ସଂରକ୍ଷଣ ଏବଂ ପାନୀୟ ଜଳ ଯୋଗାଣ ପାଇଁ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

୨୦୦୮ ମସିହା ଜନ୍ମାଷ୍ଟମୀ ରାତ୍ରିରେ ସ୍ୱାମୀଜୀଙ୍କ ନିର୍ମମ ହତ୍ୟାକାଣ୍ଡକୁ ମନେପକାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ବିଫଳତା, ଅବହେଳା ଓ ତୁଷ୍ଟୀକରଣ ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସ୍ୱାମୀଜୀଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ଗଠିତ ଜଷ୍ଟିସ୍ ମହାପାତ୍ର କମିଶନ୍ ଏବଂ ଜଷ୍ଟିସ୍ ନାଇଡୁ କମିଶନ୍‌ଙ୍କ ରିପୋର୍ଟ ଓ ଫାଇଲ୍ ଲୋକସେବା ଭବନରୁ ଗାଏବ ହେବା ଅପରାଧୀଙ୍କୁ ବଞ୍ଚାଇବାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ମଞ୍ଚରୁ ମୁଖ୍ୟମନ୍ତ୍ରୀ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି ଯେ, ସ୍ୱାମୀଜୀଙ୍କ ରକ୍ତର ପ୍ରତ୍ୟେକ ଟୋପାକୁ ନ୍ୟାୟ ମିଳିବ ଏବଂ ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଦାସର୍ବଦା ସ୍ୱାମୀଜୀଙ୍କ ସେବା ଓ ସନାତନୀ ନିଷ୍ଠାକୁ ଗଭୀର ସମ୍ମାନ ଜଣାଇ ଆସିଥିବା କଥା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଜୀଙ୍କ 'ସବ୍?କା ସାଥ୍, ସବ୍?କା ବିକାଶ' ଆଦର୍ଶ ଭିତରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ହିଁ ନିହିତ ରହିଛି। ଶେଷରେ ଆଜିର ଯୁବପିଢ଼ି (ଏରଭ ତ) ନିଜର ମୂଳ ଶିକ୍ଷା, ସଂସ୍କୃତି, ବେଦ, ସଂସ୍କୃତ, ଗୋ-ସଂରକ୍ଷଣ ଓ ସନାତନୀ ପରମ୍ପରା ସହ ଯୋଡ଼ିହୋଇ ଦେଶଭକ୍ତି ଓ ସାହସର ସହ ସମାଜ ଗଠନରେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ରୁଦ୍ର ନାରାୟଣ ପାଣି, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜୀ, ସ୍ୱାମୀ ସଚ୍ଚିଦାନନ୍ଦ ଜୀ ମହାରାଜଙ୍କ ସମେତ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ଅତିଥି ଓ ରାଜ୍ୟର କୋଣ-ଅନୁକୋଣରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ମାସକୁ ୨ ଥର ବସିବ କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର,୨୧।୮(ନି.ପ୍ର): ଏଣିକି ପ୍ରତି ମାସରେ ଦୁଇଥର କ୍ୟାବିନେଟ୍‌ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରଶାସନିକ ବିଭାଗକୁ ନିଜ ନିଜ ପ୍ରସ୍ତାବ ଆଗୁଆ ପ୍ରସ୍ତୁତ କରିବା ସହ ନିର୍ଦ୍ଧାରିତ ବୈଠକର ଯଥେଷ୍ଟ ପୂର୍ବରୁ କ୍ୟାବିନେଟ୍ ନୋଟ୍ ମୁଖ୍ୟ ସଚିବଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।କେବଳ ପ୍ରସ୍ତାବ ଅନୁମୋଦନ ନୁହେଁ, ବରଂ କ୍ୟାବିନେଟରେ ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ବିଭାଗଗୁଡିକୁ ନିୟମିତ ଅନୁଧ୍ୟାନ ଓ ଫଲୋଅପ୍ କରିବାକୁ କୁହାଯାଇଛି। ଏଭଳି ନିଷ୍ପତ୍ତି ମାଧ୍ୟମରେ ମୋହନ ମାଝୀଙ୍କ ସରକାର ରାଜ୍ୟର ପ୍ରଶାସନିକ କାର୍ଯ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରିଛନ୍ତି।

# ୨୮ରେ ସୁଭଦ୍ରା ୫ମ କିସ୍ତି: ୧.୦୩ କୋଟି ହିତାଧିକାରୀଙ୍କୁ ୫,୧୬୦ କୋଟିରୁ ଅଧିକ

ଭୁବନେଶ୍ୱର୨୧।୮(ନି.ପ୍ର.): ଆସନ୍ତା ୨୮ ଅଗଷ୍ଟ ୨୦୨୬, ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରାଯିବ। ୫ମ କିସ୍ତି ପ୍ରଦାନ ପାଇଁ ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି। ରାଖୀ ପୂର୍ଣ୍ଣିମା ଅବସରରେ ଏହି ହିତାଧିକାରୀମାନଙ୍କୁ ୫ମ କିସ୍ତି ବାବଦରେ ୫,୧୬୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ।



ଏହି ପରିପ୍ରେକ୍ଷୀରେ ଆଜି (ଶୁକ୍ରବାର) ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତିମୂଳକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓକାକ୍ ଟିମ୍ ଏବଂ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ୫ମ କିସ୍ତିର ଡିବିଟି ପ୍ରଦାନ, ହିତାଧିକାରୀଙ୍କ ତାଲିକା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ସବିଶେଷ ସମୀକ୍ଷା କରିଥିଲେ। ଉପମୁଖ୍ୟମନ୍ତ୍ରୀ ୫ମ କିସ୍ତିର ସୁଚାରୁ ବଣ୍ଟନ ପାଇଁ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିବିଟି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ଏବଂ ହିତାଧିକାରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଓଡିଶା ପୁଲିସରେ ବଡ ଅଦଳବଦଳ

- ୬ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଅଦଳବଦଳ
- ହିମାଂଶୁ ଲାଲ ଇଓଡବ୍ଲୁ-ଏସଟିଏଫ ଆଇଜି
- ସତ୍ୟବ୍ରତ ଭୋଇ ଆଇଜି ଗୁଇନ୍ଦା ନିଯୁକ୍ତ

ଭୁବନେଶ୍ୱର,୨୧।୮(ନି.ପ୍ର.): ବରିଷ୍ଠ ଆଇପିଏସ୍‌ସ୍ତରରେ ବଡ ଅଦଳବଦଳ। ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ଅନ୍ତରୀଣ ଡିଜିପି ଦାୟିତ୍ୱ ନେବା ପରେ ଆଜି ଆଇପିଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି ସରକାର। ଆଜି ୬ଜଣ ବରିଷ୍ଠ ଆଇପିଏସଙ୍କୁ ବଦଳି କରିଛନ୍ତି।

ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୩ ବ୍ୟାଚର ଆଇପିଏସ ତଥା ସମ୍ବଲପୁରର ଉତ୍ତରାଂଚଳ ଆଇଜି ଭାବେ କାର୍ଯ୍ୟରତ ଥିବା ହିମାଂଶୁ କୁମାର ଲାଲଙ୍କୁ ଭୁବନେଶ୍ୱରସ୍ଥିତ EOW ଓ STF ଆଇଜି ଭାବେ ବଦଳି କରାଯାଇଛି । ସେ ଦୀର୍ଘ ୩ବର୍ଷ ହେଲା ସମ୍ବଲପୁରରେ ଆଇଜି ଭାବେ କାର୍ଯ୍ୟରତ ଅଛନ୍ତି।

ସେହିପରି ତାଳଚେରସ୍ଥିତ ଏନସିଆର ଆଇଜି ସହ ଅନୁଗୋଳ ପିଟିସିର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ୨୦୦୪ ବ୍ୟାଚର ଆଇପିଏସ ସତ୍ୟବ୍ରତ ଭୋଇଙ୍କୁ ଗୁଇନ୍ଦା ଆଇଜି ଭାବେ ବଦଳି କରାଯାଇଛି ।

ଭୁବନେଶ୍ୱରରେ ଗୁଇନ୍ଦା ଆଇଜି ଭାବେ କାର୍ଯ୍ୟରତ ୨୦୦୫ ବ୍ୟାଚର ଆଇପିଏସ ଜୟ ନାରାୟଣ ପଙ୍କଜଙ୍କୁ ବ୍ରହ୍ମପୁର ଦକ୍ଷିଣାଂଚଳ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ବ୍ରହ୍ମପୁରରେ ଦକ୍ଷିଣାଂଚଳ ଆଇଜି ଥିବା ୨୦୦୭ ବ୍ୟାଚ୍ ଆଇପିଏସ୍ ନୀତିଶେଖର କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ପ୍ରୋଭିଜନିଂ ଆଇଜି ଭାବେ କାର୍ଯ୍ୟ କରିବେ। ସେହିପରି ପ୍ରୋଭିଜନିଂ ଡିଆଇଜି ଭାବେ କାର୍ଯ୍ୟରତ ୨୦୦୯ ବ୍ୟାଚର ଆଇପିଏସ ଚରଣ ସିଂ ମୀନାଙ୍କୁ ସମ୍ବଲପୁରର ଉତ୍ତରାଂଚଳ ଡିଆଇଜି ଭାବେ ବଦଳି କରାଯାଇଛି । କେନ୍ଦ୍ରୀୟ ଡେପୁଟେସନରୁ ଫେରି ରାଜ୍ୟ ଗୃହ ବିଭାଗରେ ଯୋଗ ଦେଇଥିବା ୨୦୧୦ ବ୍ୟାଚର ଆଇପିଏସ ଆଶିଷ କୁମାର ସିଂଙ୍କୁ ତାଳଚେର ଏନସିଆର ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ସେ ଅନୁଗୁଳ ପୁଲିସ ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

## ଉତ୍ତର କୋରିଆର କ୍ଷେପଣାସ୍ତ୍ର ମାଡ


ନୂଆଦିଲ୍ଲୀ,୨୧।୮ :ସିଓଲ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୂଟନୀତି ପୁନଃ ଆରମ୍ଭ କରିବାର ପ୍ରୟାସକୁ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ଉତ୍ତର କୋରିଆ ଗୁରୁବାର ଏହାର ପୂର୍ବ ଜଳସୀମାରେ ଅାଡ଼କୁ ୧୦ଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି।

# ଘରେ ନରବଳି, ଫିଙ୍ଗିଦେଇଥିଲା ଗଣ୍ଡି

ଦେଓଗାଁ,୨୧।୮(ନି.ପ୍ର.): ଗତକାଲି (ଗୁରୁବାର) ମୁଣ୍ଡବିହୀନ ଶବ ଜବତ ମାମଲାର ଖୋଲତାଡରେ ପୁଲିସକୁ ଏକ ଚାଞ୍ଚଲ୍ୟ ଓ ଶିହିରଣ ସୃଷ୍ଟିକାରୀ ଘଟଣାର ଖିଅ ମିଳିଛି। ବ୍ୟକ୍ତିକୁ ନରବଳି ଦିଆଯିବା ପରେ ମୁଣ୍ଡ-ଗଣ୍ଡି ଅଲଗା କରି ଫିଙ୍ଗିଦିଆଯାଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ଦୁଇଜଣ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଗତକାଲି ଦେଓଗାଁ ଥାନା ବଗଡା ଗାଁର ଏକ ପାଣି ଟାଙ୍କି ନିକଟରେ ଜଣେ ମଧ୍ୟବୟସ୍କ ବ୍ୟକ୍ତିଙ୍କ ମୁଣ୍ଡବିହୀନ ଶବ ମିଳିଥିଲା। ଶବର ପୋଷାକ ଆଦିର ଅନୁସନ୍ଧାନ କରି ପୁଲିସ ଏହା ତୁଷୁରା ଥାନା ତେବଡା ମୁଣ୍ଡା ଗାଁର ସନ୍ତୋଷ ଖର୍ସେଲେ (୪୦)ର ବୋଲି ଜଣାପଡିଥିଲା। ତେବେ ମୁଣ୍ଡ ନମଳିବାରୁ ପୁଲିସର ତଦନ୍ତ ଆଗକୁ ବ?ିପାରୁନଥିଲା। ଶେଷ ଥର ପାଇଁ ସନ୍ତୋଷ ବଗଡା ଗାଁର ଶତ୍ରୁଘ୍ନ ସାହୁ ସହ ଯାଉଥିବା ଦେଖାଯାଇଥିଲା। ଏହା ଜଣାପଡିବା ପରେ ଶତ୍ରୁଘ୍ନଙ୍କୁ ଡାକି ପୁଲିସ ପଚରାଉଚରା କରିଥିଲା। ପଚରାଉଚରା ପରେ ଯାହା ଜଣାପଡିଲା ସେଥିରେ ପୁଲିସର ରୋମଟାଙ୍କୁରି ଉଠିଥିଲା। ଧନ, ପରିବାରରେ ସୁଖସମୃଦ୍ଧି ନିମନ୍ତେ ଶତ୍ରୁଘ୍ନ ମାନସିକ କରିଥିଲା। ଏଥିପାଇଁ ସେ ଘରେ ଅନେକ ଗୁଣିଗାରେଡି କରୁଥିଲା। ଏକ ପଥର ଓ ତମ୍ବା ନାଗ ଆଦି ରଖି ପୂଜାର୍ଚ୍ଚନା କରୁଥିଲା। ଶେଷରେ ନିଜର ଇଚ୍ଛାର ତ୍ୱରିତ ପୂରଣ ନିମନ୍ତେ ନରବଳି ଦେବାକୁ ମନସ୍ଥ କରିଥିଲା। ସନ୍ତୋଷକୁ ଫୁସୁଲାଇ ଓ ପ୍ରଲୋଭିତ କରି ନିଜ ଘରକୁ ଡାକି ଆଣିଥିଲା। ଘରେ ଖାଇବାରେ ନିଶା ଦେଇ ଅଚେତ କରିବା ପରେ ମଧ୍ୟରାତ୍ରୀରେ ପୂଜାର୍ଚ୍ଚନା କରି ମୁଣ୍ଡ କାଟି ପଥରରେ ରକ୍ତ ଚଢ଼ାଇଥିଲା। ମୁଣ୍ଡଟିକୁ ପୂଜାସ୍ଥାନରେ ଖୋଳି ପୋତି ଦେବା ପରେ ଗଣ୍ଡିଟିକୁ ନିଜ ଘର ଠାରୁ ୫ଶହ ମିଟର ଦୂର ପାଣିଟାଙ୍କି ନିକଟରେ ଫିଙ୍ଗି ଦେଇଥିଲା।

# ସାଂସଦଙ୍କ ପୁଅ ଗାଡି ଧକ୍କାରେ ଓଡିଆ ଯୁବତୀଙ୍କ ମୃତ୍ୟୁ

ହାଇଦ୍ରାବାଦ,୨୧।୮(ନି.ପ୍ର.): ରାଜ୍ୟସଭା ସାଂସଦ ଏଲ ରମେଶଙ୍କ ପୁଅ ସଞ୍ଜୁଶ ଘଟାଇଛନ୍ତି ବଡ ଅଘଟଣ। ୨୧ ବର୍ଷୀୟ ସଞ୍ଜୁଶଙ୍କ ଦାମୀ ଆଷ୍ଟୋନ ମାର୍ଟିନ ଧକ୍କା ଯୋଗୁ ହାଇଦ୍ରାବାଦରେ କାମ କରୁଥିବା ଜଣେ ଓଡିଆ ଯୁବତୀଙ୍କ ମୃତ୍ୟୁ ଘଟିଛି। ଏଲ ରମେଶ ହେଉଛନ୍ତି ଆନ୍ଧ୍ର ପ୍ରଦେଶର ଉପ ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ଜନସେନା ପାର୍ଟିର ସଦସ୍ୟ। ଜନସେନା ତାଙ୍କୁ ରାଜ୍ୟସଭାକୁ ପଠାଇଛି।



ଏବେ ତାଙ୍କ ପୁଅ ସଞ୍ଜୁଶଙ୍କ ଦ୍ରୁତ ଗାଡି ଚାଳନା ଯୋଗୁ ୨୬ ବର୍ଷୀୟ ଓଡିଆ ଝିଅ ଭାରତୀୟ ମୁଖୀ ଆଖି ବୁଜିଛନ୍ତି। ଭାରତୀ ମାଧାପୁରରେ ଥିବା ଇନରବିଟ୍ ମଲ୍‌ରେ ସେଲ୍ସ ଗାର୍ଲ ଭାବେ କାମ କରୁଥିଲେ। ଅଗଷ୍ଟ ୧୬ରେ ସେ ମଲ ନିକଟ ରାସ୍ତା ଅତିକ୍ରମ କରୁଥିବା ବେଳେ ସଞ୍ଜୁଶଙ୍କ ଦାମୀ ଆଷ୍ଟୋନ ମାର୍ଟିନ କାର୍ ଧକ୍କାରେ ପ୍ରାଣ ହରାଇଥିଲେ। ତେବେ ଏଯାଏ ପୁଲିସ୍ ସାଂସଦଙ୍କ ପୁଅକୁ ଗିରଫ କରିନାହିଁ। ମାଧାପୁର ଏସିପି ସିଏଚ ଶ୍ରୀଧର କହିଛନ୍ତି ଯେ ଅଭିଯୁକ୍ତଙ୍କୁ ନୋଟିସ କରାଯାଇଛି। ଘଟଣା ପରେ ସେ ଫେରାର ହୋଇ ନଥିଲେ। ସେହିପରି ସେ ଦୁର୍ଘଟଣା ବେଳେ ନିଶା ସେବନ ମଧ୍ୟ କରି ନଥିଲେ। ତାଙ୍କ ନାଁରେ ଲାଗିଥିବା ଦଫାରେ ୭ ବର୍ଷରୁ କମ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ତେଣୁ କେବଳ ନୋଟିସ ପରେ ତାଙ୍କୁ ଛାଡିଆ ଦିଆଯାଇଥିବା ସେ କହିଛନ୍ତି।


ଏଫଆଇଆର ଅନୁସାରେ, ରବିବାର ଦିନ ପ୍ରାୟ ୩ଟା ବେଳେ ଭାରତୀ ଓ ୨୬ ବର୍ଷୀୟ ସହକର୍ମୀ ପୂଜା ଅଶୋକ ନିକଟସ୍ଥ ଆଇଟିସି କୋହେନୁରକୁ ଲଞ୍ଚ ପାଇଁ ଯାଇଥିଲେ। ସେଠାରୁ ସେମାନେ ଇନରବିଟ୍ ଆସୁଥିବା ବେଳେ ମଲ ସାମ୍ନାରେ ଭାରତୀୟ ରାସ୍ତା ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ। ଏତିକି ବେଳେ ଟିଜି-୦୯-ଜି-୦୬୬୬ ନମ୍ବର ବିଶିଷ୍ଟ ଆଷ୍ଟୋନ ମାର୍ଟିନ ତାଙ୍କୁ ଅତି ଜୋରରେ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ସେ ରାସ୍ତାରେ ଛିଟିକି ହୋଇ ପଡିଥିଲେ। ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ଜୁବିଲ ହିଲ୍ସସ୍ଥିତ ଆପୋଲୋ ହସ୍ପିଟାଲକୁ ଟିଜି-୦୯-ଜି-୦୬୬୬ ନମ୍ବର ବିଶିଷ୍ଟ ଆଷ୍ଟୋନ ମାର୍ଟିନରେ ନିଆଯାଇଥିଲା।

ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଭାରତୀଙ୍କ ସହଯୋଗୀ ପୂଜା ଏସମ୍ପର୍କରେ ଷ୍ଟୋର ମ୍ୟାନେଜର ଅଶ୍ୱିନ କୁମାରଙ୍କୁ ଜଣାଇଥିଲେ। ଏହାପରେ ପୁଲିସ ଖବର ପାଇଥିଲା। ଘଟଣା ବେଳେ କାର୍‌କୁ ସାଂସଦଙ୍କ ପୁଅ ସଞ୍ଜୁଶ ଅତ୍ୟନ୍ତ ଦ୍ରୁତଗତିରେ ଗାଡି ଚଳାଉଥିଲେ ବୋଲି ଏଫଆଇଆରରେ ଉଲ୍ଲେଖ କରାଯାଇଛି। ଘଟଣା ପରେ ପୁଲିସ୍ ସଞ୍ଜୁଶଙ୍କ ନିଶାଧରା ପରୀକ୍ଷା କରିଥିବା ଦାବି କରିଛି। ଏଥିସହ ଘଟଣା ବେଳେ ସେ ନିଶା ସେବଦ କରି ନଥିବାରୁ ପୁଲିସ୍ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬(୧) ଅନୁସାରେ ମାମଲା ରୁଜୁ କରିଛି।

# ଧାନ ଗବେଷଣା କେନ୍ଦ୍ର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ବାରଣାସୀ/ଭୁବନେଶ୍ୱର: ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବାରାଣାସୀସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ଆଞ୍ଚଳିକ କେନ୍ଦ୍ର (ଆଇଏସଏଆରସି) ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ଆଇଏସଏଆରସିର ଗବେଷଣା, ନବସୃଜନ ଏବଂ ବୈଷୟିକ ଜ୍ଞାନକୌଶଳ ଯାହା ସ୍ଥାୟୀ ଓ ସହନଶୀଳ ଧାନ ଆଧାରିତ କୃଷି-ଖାଦ୍ୟ ପ୍ରଣାଳୀକୁ ସାହାଯ୍ୟ କରେ, ତାହା ଅନୁଧ୍ୟାନ କରିଥିଲେ। ସେ ସ୍ପିଡ୍ ବ୍ରିଡିଂ, ଭେରାଇଟାଲ୍ କାଫେଟେରିଆ, ଯାନ୍ତ୍ରିକୀକରଣ ଓ ଅମଳ ପରବର୍ତ୍ତୀ ୟୁନିଟ୍, ସିଧା ସଳଖ ଧାନ ବୁଣା ପରୀକ୍ଷଣ ପ୍ଲଟ୍, ଡ୍ରୋନ୍ ପ୍ରଦର୍ଶନୀ ଏବଂ ପୁନରୁଦ୍ଧାରକାରୀ କୃଷି କ୍ଷେତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧାଗୁଡ଼ିକ ବୁଲି ଦେଖିଥିଲେ। ଧାନ ଚାଷରେ ଉତ୍ପାଦନ, ଦକ୍ଷତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ବିକଶିତ ଓ ପ୍ରଦର୍ଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା ବିଷୟରେ ବୈଜ୍ଞାନିକମାନେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ଏହା ସହିତ ଶ୍ରୀ ସିଂହଦେଓ ଜିଓସ୍ପାଟିଆଲ୍ ଲ୍ୟାବ୍, ପ୍ଲାଣ୍ଟ ଆଣ୍ଡ ସୋଏଲ୍ ଲ୍ୟାବ୍ ଏବଂ ଘଇଇଖ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ରାଇସ୍ ଭାଲ୍ୟୁ ଆଡିସନ୍ ଲ୍ୟାବ୍ ପରିଦର୍ଶନ କରି ଆଇଏସଏଆରସିର ଅତ୍ୟାଧୁନିକ ଗବେଷଣା ସୁବିଧା ଏବଂ ଧାନର ମୂଲ୍ୟ ବୃଦ୍ଧି ତଥା କୃଷି କ୍ଷେତ୍ରରେ ନବସୃଜନକୁ ସୁଦୃଢ଼ କରିବାର ପ୍ରଚେଷ୍ଟା ବିଷୟରେ ସୂଚନା ସଂଗ୍ରହ କରିଥିଲେ।



କ୍ଷେତ୍ର ଓ ପ୍ରୟୋଗଶାଳା ପରିଦର୍ଶନ ପରେ ନିମନ୍ତ୍ରିତ ଅତିଥିମାନଙ୍କ ସହ ଏକ ଆଲୋଚନାସଭା ଟାଉନ୍ ହଲ୍ ଠାରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଆଇଏସଏଆରସିର ବୈଜ୍ଞାନିକ ଓ କର୍ମଚାରୀମାନେ ଭାଗ ନେଇଥିଲେ। ଆଇଆରଆରଆଇର ବିଜ୍ଞାନୀ ତଥା ଭାରତର କାର୍ଯ୍ୟକାରୀ କଣ୍ଟ୍ରି ମ୍ୟାନେଜର ଡ. ସ୍ୱାତୀ ନାୟକ ଏବଂ ଆଇଏସଏଆରସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ବିକାଶ କୁମାର ସିଂହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଡ. ସିଂହ ଆଇଏସଏଆରସିର କାର୍ଯ୍ୟାବଳୀ, ଓଡ଼ିଶା, ଭାରତ ଏବଂ ସମଗ୍ର ଦକ୍ଷିଣ ଏସିଆରେ ଆଇଆରଆରଆଇ ଓ ଆଇଏସଏଆରସିର ଅବଦାନ ଏବଂ ଗବେଷଣା, ନବସୃଜନ, କ୍ଷମତା ବୃଦ୍ଧି ଓ ସହଭାଗିତା ମାଧ୍ୟମରେ କୃଷି ପ୍ରାଥମିକତାଗୁଡ଼ିକର ସମାଧାନ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଧାନକୁ ଭାରତରୁ ଅଲଗା କରାଯାଇପାରିବ ନାହିଁ ଏବଂ କୃଷକମାନଙ୍କ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଓ କୌଶଳ ବିକଶିତ କରିବାରେ ଆଇଆରଆରଆଇ ଏବଂ ଆଇଏସଏଆରସି ବୈଜ୍ଞାନିକମାନଙ୍କ କାର୍ଯ୍ୟକୁ ମୁଁ ଆନ୍ତରିକତାର ସହ ପ୍ରଶଂସା କରୁଛି। ଆଜି ବୈଜ୍ଞାନିକମାନଙ୍କ ସହ ମୋର କଥାବାର୍ତ୍ତା ଏକ ମୂଲ୍ୟବାନ ଶିକ୍ଷଣୀୟ ଅନୁଭୂତି ଥିଲା ଏବଂ ଓଡ଼ିଶାର ଚାଷୀମାନଙ୍କୁ ସାହାଯ୍ୟ କରିବା ବିଶେଷ କରି ଏହି ବନ୍ୟା ସମୟରେ କେଉଁ ପ୍ରକାର ଧାନ ଓ କମ୍ ଅବଧିର ଫସଲ କରାଯାଇପାରିବ ଓ କୃଷି ନବସୃଜନକୁ ଆଗେଇ ନେବା ପାଇଁ ଆଇଆରଆରଆଇ ସହ ସହଯୋଗକୁ ସୁଦୃଢ଼ କରିବାକୁ ମୁଁ ଆଶା ରଖୁଛି। ଧାନ ଚାଷୀମାନଙ୍କ ପାଇଁ ବିଜ୍ଞାନ ଭିତ୍ତିକ ସମାଧାନ ପ୍ରଦାନ କରିବାରେ ନୀତି ନିର୍ଦ୍ଧାରକ, ଗବେଷଣା ଅନୁଷ୍ଠାନ ଏବଂ କୃଷି ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଗୁରୁତ୍ୱକୁ ଦର୍ଶାଉଛି।